# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 July – 2026

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁଁ ସଂସଦର ଗୃହକାର୍ଯ୍ୟ ବାଧାପ୍ରାପ୍ତ
- ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ତ୍ୱରିତ ବିଚାର ଲାଗି ଫାଷ୍ଟଟ୍ରାକ୍ ଅଦାଲତ ସ୍ଥାପନ କରିବେ କେନ୍ଦ୍ର ସରକାର

– ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା; କହିଲେ ପ୍ରଧାନମନ୍ତ୍ରୀ

- ଦେଶର ଶିକ୍ଷା, ସଂସ୍କୃତି ଓ ବିକାଶରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଜାତୀୟ ପ୍ରସାରଣ ଦିବସ
- ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ଏବଂ

- ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଆଜିଠାରୁ ଆରମ୍ଭ ହେଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା; ଓଡ଼ିଶାରୁ ଅଂଶଗ୍ରହଣ କରୁଛନ୍ତି ୪ କ୍ରୀଡ଼ାବିତ୍

Desk

# ଏସ୍‌ଏସ୍‌-ଆର୍‌ଏସ୍ ଆଡଜର୍ଣ୍ଣଡ

ସଂସଦରେ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ପ୍ରତିବାଦ ଜାରି ରହିବାରୁ ଉଭୟ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଲୋକସଭା ଗୃହକାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭା ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାର ଚେଷ୍ଟା କରିଥିଲେ । ମାତ୍ର ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ପ୍ରବଳ ବର୍ଷା, ଭୂସ୍ଖଳନ, ବନ୍ୟା, ବଜ୍ରପାତ ଭଳି ବିପର୍ଯ୍ୟୟରେ ଅନେକ ଜୀବନ ହାନି ହୋଇଥିବାରୁ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଗୃହ ପକ୍ଷରୁ ଦୁଃଖ ପ୍ରକାଶ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିବାରୁ ରାଜ୍ୟସଭା ଗୃହକାର୍ଯ୍ୟକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

Desk

# ପିଏମ୍-ୟୁଥ୍

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହାର ତ୍ୱରିତ ବିଚାର ଲାଗି ଫାଷ୍ଟଟ୍ରାକ୍ ଅଦାଲତ ସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଘୋଷଣା କରିଛନ୍ତି । ଦେଶର ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସଂପୃକ୍ତ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିସାରିଛନ୍ତି  ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

Desk

## ମହଙ୍ଗା ଭତ୍ତା ବୃଦ୍ଧି

ରାଜ୍ୟ ସରକାର’ ୫ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସରକାରୀ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୨୫୭ ପ୍ରତିଶତରୁ ୨୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ପିଛିଲା ଭାବେ ଜାନୁଆରୀ ମାସରୁ ଲାଗୁ କରାଯିବ। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ମାସର ଦରମା ସହିତ ମିଳିବ ବୋଲି ଜଣାପଡ଼ିଛି। ଫଳରେ ସମସ୍ତ ସରକାରୀ କର୍ମଚାରୀ ଓ ପେନସନ୍‌ଧାରୀମାନେ ଉପକୃତ ହେବେ।

Desk

## ସହରାଞ୍ଚଳ ବିକାଶ

ରାଜ୍ୟରେ ସହରାଞ୍ଚଳ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ, ସରଳ ଏବଂ ପୌରାଞ୍ଚଳଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍‌ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ଏମ୍.ଡି.ଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରଙ୍କ ସହିତ ସମାନ କରାଯାଇଛି । ମହାନଗର ନିଗମରେ ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁରୀ ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି ସହିତ ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ସୀମାକୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୌରପାଳିକା ଏବଂ ବିଜ୍ଞପ୍ତିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତାକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହିତ ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମାକୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ରାଜ୍ୟର ସହରାଞ୍ଚଳଗୁଡ଼ିକରେ ନାଗରିକ ଭିତ୍ତିଭୂମି ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

Desk

## ଜାତୀୟ ପ୍ରସାରଣ ଦିବସ

ଦେଶରେ ବିକାଶ, ଶିକ୍ଷାଗତ ପ୍ରସାର ଏବଂ ସାଂସ୍କୃତିକ ସଂରକ୍ଷଣରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରି ଆଜି ସମଗ୍ର ଦେଶରେ **ଜାତୀୟ ପ୍ରସାରଣ ଦିବସ** ପାଳନ କରାଯାଉଛି।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ ଦେଶର ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ୧୯୩୬ ମସିହା ଜୁନ୍ ମାସ ୮ ତାରିଖରେ ଭାରତୀୟ ରାଜ୍ୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡିଓ-ଏ.ଆଇ.ଆର. ରଖାଯାଇଥିଲା ଏବଂ ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଥିଲା। ଦଶନ୍ଧିବ୍ୟାପୀ ବିଭିନ୍ନ ବର୍ଗର ବିଶ୍ୱସ୍ତ ଶ୍ରୋତାଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ର ସମ୍ବନ୍ଧୀୟ ସୂଚନା ପହଞ୍ଚାଇବା ସହ ଆକାଶବାଣୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁଦୀର୍ଘ ଯାତ୍ରା ଜାରି ରଖିଛି। ୧୯୫୭ ମସିହାରେ ବିବିଧ ଭାରତୀ ସେବା ଆରମ୍ଭ ହୋଇଥିଲା । ଆକାଶବାଣୀ 'ବହୁଜନ ହିତାୟ-ବହୁଜନ ସୁଖାୟ'ର ବାର୍ତ୍ତା ନେଇ ପ୍ରତ୍ୟେକଟି ଭାରତୀୟଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛି । ଦେଶରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ଗଣମାଧ୍ୟମ ଯୋଗାଯୋଗ କ୍ଷେତ୍ରରେ ଉତ୍କର୍ଷ

ପ୍ରତିପାଦନ କରିଥିବା ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥାଏ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Puri

## ସନ୍ଧ୍ୟାଦର୍ଶନ

ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆଜି ଶ୍ରୀଜୀଉମାନେ ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ଆସନ୍ତାକାଲି  ବାହୁଡ଼ା ଯାତ୍ରା ଥିବାରୁ ଆଜି ସନ୍ଧ୍ୟାଦର୍ଶନ ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦର୍ଶନ ବନ୍ଦ ପରେ ସନ୍ଧ୍ୟାଧୂପ ଓ ଆଳତୀ ନୀତି କରାଯିବ। ପରେ ବଡ଼ସିଂହାର ଭୋଗ ହୋଇ ପହୁଡ଼ ଆଳତୀ ନୀତି ଅନୁଷ୍ଠିତ ହେବ। ବାହୁଡ଼ା ଯାତ୍ରାର ସୁପରିଚାଳନା ନେଇ ୨୦୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଟ୍ରାଫିକ୍ କଟକଣା ଆଜି ସନ୍ଧ୍ୟାରୁ ଲାଗୁ କରାଯିବାକୁ ଥିବା ବେଳେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷାକୁ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି କହିଛନ୍ତି।

**- V/O –**

Dhenkanal

# ପୃଥକ ପୃଥକ ସଡ଼କ ଦୁର୍ଘଟଣା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପୃଥକ ପୃଥକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି।

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଛାଟିଆଠାରେ ଆଜି ଭୋର୍‌ରୁ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇ ଥିବାବେଳେ ୨ ଜଣ ଆହତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।  ସେହିଭଳି ଭଦ୍ରକ ଜିଲ୍ଲା ଜାତୀୟ ରାଜପଥ -୧୬ର ଯଶଟିକିରିଠାରେ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଅନୁଗୁଳ ଜିଲ୍ଲା ଜରପଡ଼ା ଥାନା ଜେରଙ୍ଗ ଗାଁ ଭାଗିରଥୀପୁରଠାରେ ବସ୍ ଓ ହାଇୱା ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ନୂଆପଡ଼ା ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। କୋରାପୁଟ ଜିଲ୍ଲା ବୋରିଗୁମ୍ମା  ଥାନା ଆଉଁଳି ଗାଁ ନିକଟରେ ଭାରସାମ୍ୟ ହରାଇ ବସ୍‌ଟି ବିଲ୍‌କୁ ଖସିପଡ଼ିବାରୁ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି।

Bhadrak

# ଏସ୍‌ଆଇଆର୍

ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ପର୍ଯ୍ୟବେକ୍ଷକ ଅରବିନ୍ଦ ଅଗ୍ରୱାଲ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା କକ୍ଷରେ ସମୀକ୍ଷା କରିଛନ୍ତି। ଶ୍ରୀ ଅଗ୍ରୱାଲ ପରିଗଣନା ଫର୍ମ ସଂଗ୍ରହ, ଯାଞ୍ଚ, ଡିଜିଟାଇଜେସନ୍ ପ୍ରକ୍ରିୟା, ଦାବି ଓ ଆପତ୍ତି ଗ୍ରହଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

Desk

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେଉଛି । ଏହି ୧୦ ଦିନିଆ ପ୍ରତିଯୋଗିତାରେ ୭୪ଟି ଦେଶର ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେଥିମଧ୍ୟରୁ ଭାରତରୁ ୧୨୫ ଜଣ ପ୍ରତିଯୋଗୀ ରହିଥିବା ବେଳେ ଓଡ଼ିଶାରୁ ୪ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି । ଧାବକ ଅନିମେଶ କୁଜୁର୍, ଜିମ୍‌ନାଷ୍ଟ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ପ୍ରଣତି ନାୟକ ଭାଗ ନେଉଛନ୍ତି । ଭାରତ ପକ୍ଷରୁ ଅଲମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା, ମୀରାବାଇ ଚାନୁ ଏବଂ ଲଭ୍‌ଲିନା ବୋରୋଗୋହିନ୍ ପ୍ରତିନିଧିତ୍ୱ କରିବେ । ଚଳିତଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୦ଟି ପ୍ରମୁଖ କ୍ରୀଡ଼ାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେଗୁଡ଼ିକ ହେଉଛି, ଆଥଲେଟିକ୍ସ, ସନ୍ତରଣ, ବାସ୍କେଟବଲ, ଟ୍ରାକ ସାଇକେଲିଂ, ୱେଟ୍‌ଲିଫ୍ଟିଂ,

ବାଓଲ୍ସ, ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ, ନେଟ୍‌ବଲ, ବକ୍ସିଂ ଏବଂ ଜୁଡୋ । ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଏହି କ୍ରୀଡ଼ା ମହାସମର ଜାରି ରହିବ। ଆନୁଷ୍ଠାନିକ ଉଦ୍‌ଘାଟନୀ ଉତ୍ସବ ଭାରତୀୟ ସମୟ ଅନୁସାରେ ଆସନ୍ତାକାଲି ସାଢ଼େ ୧୨ଟାରେ ପ୍ରସାରିତ ହେବ।

MET

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ସହ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୪ ଦଶମିକ ୪/୩ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୯ ହଜାର ୨୮୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ଗେଟ୍ ଦେଇ ୨ ଲକ୍ଷ ୭୭ ହଜାର ୨୮୫ ଘନଫୁଟ ଜଳ ନିଷ୍କାସିତ ହେଉଛି।